# NATIONAL NEWS BULLETIN (ODIA)

## 16th February - 2026

## Evening Bulletin : 7.15 p.m.

*********************************

ଆକାଶବାଣୀ.....    ସମ୍ବାଦ ପଢୁଛନ୍ତି.....    **ଆଦିତ୍ୟ ନାରାୟଣ ଦାଶ**

## ମୁଖ୍ୟ ସମ୍ବାଦ

- କୃତ୍ରିମ ବୁଦ୍ଧିମତ୍ତା ପ୍ରଭାବ ସମ୍ମିଳନୀର ନିର୍ଯାସ ଭବିଷ୍ୟତକୁ ଅତ୍ୟାଧୁନିକ, ନବସୃଜନଚାଳିତ ଏବଂ ସୁଯୋଗରେ ପରିପୂର୍ଣ୍ଣ କରିବ; କହିଲେ ପ୍ରଧାନମନ୍ତ୍ରୀ ।

— ଭାରତ କୃତ୍ରିମ ବୁଦ୍ଧିମତ୍ତା ପ୍ରଭାବ ପ୍ରଦର୍ଶନୀ-୨୦୨୬କୁ କଲେ ଉଦ୍‌ଘାଟନ ।

- ଭାରତର ରଚନାତ୍ମକ ଅର୍ଥନୀତି ଦ୍ରୁତଗତିରେ ବୃଦ୍ଧି ପାଇବା ସହ ନୂତନ ପ୍ରଯୁକ୍ତିବିଦ୍ୟା ସହିତ ଖାପଖୁଆଇ ଚାଲିଛି; ଏ.ଆଇ. ସମ୍ମିଳନୀରେ କହିଲେ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ।

- ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଆସନ୍ତାକାଲି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକର ସମବାୟ ମନ୍ତ୍ରୀମାନଙ୍କ ଉଚ୍ଚସ୍ତରୀୟ ବୈଠକରେ କରିବେ ଅଧ୍ୟକ୍ଷତା ।

ଏବଂ

- ପୁରୁଷ ଟି-ଟ୍ୱେଣ୍ଟି ବିଶ୍ୱକପ୍ କ୍ରିକେଟ୍ ପ୍ରତିଯୋଗିତାରେ ଅଷ୍ଟ୍ରେଲିଆ ଓ ଶ୍ରୀଲଙ୍କା ମଧ୍ୟରେ ମ୍ୟାଚ୍ ଜାରି ।

## ପି.ଏମ୍. - ଏ.ଆଇ. ଇମ୍ପ୍ୟାକ୍ଟ ଏକ୍ସପୋ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ଭାରତ କୃତ୍ରିମ ବୁଦ୍ଧିମତ୍ତା ପ୍ରଭାବ ପ୍ରଦର୍ଶନୀ-୨୦୨୬କୁ ଉଦ୍‌ଘାଟନ କରିଛନ୍ତି । ପ୍ରଧାନମନ୍ତ୍ରୀ ମୋଦି ପ୍ରଦର୍ଶନୀରେ ବିଭିନ୍ନ ଷ୍ଟଲ୍ ବୁଲି ଦେଖିଛନ୍ତି । ଇଲେକ୍ଟ୍ରୋନିକ୍ସ, ଆଇ.ଟି. ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏବଂ ଆଇ.ଟି. ରାଷ୍ଟ୍ରମନ୍ତ୍ରୀ ଜିତିନ୍ ପ୍ରସାଦ ମଧ୍ୟ ପ୍ରଧାନମନ୍ତ୍ରୀଙ୍କ ସହ ଉପସ୍ଥିତ ଥିଲେ । ପାଞ୍ଚଦିନ ବ୍ୟାପୀ ଚାଲିବାକୁ ଥିବା ଏହି ପ୍ରଦର୍ଶନୀ' ଭାରତ କୃତ୍ରିମ ବୁଦ୍ଧିମତ୍ତା ପ୍ରଭାବ ସମ୍ମିଳନୀ ସହ ଆୟୋଜିତ ହୋଇଛି । ଏହି ପ୍ରଦର୍ଶନୀରେ ଏ.ଆଇ. ଇକୋସିଷ୍ଟମ୍‌ରେ ଅନ୍ତର୍ଜାତୀୟ ସହଭାଗିତାକୁ ପ୍ରଦର୍ଶିତ କରିବା ଲକ୍ଷ୍ୟ ନେଇ ୧୩ଟି ଦେଶ ଅଷ୍ଟ୍ରେଲିଆ, ଜାପାନ, ରୁଷ୍, ବ୍ରିଟେନ୍, ଫ୍ରାନ୍ସ, ଜର୍ମାନୀ, ଇଟାଲୀ, ନେଦରଲ୍ୟାଣ୍ଡସ୍, ସ୍ୱିଜରଲାଣ୍ଡ, ସର୍ବିୟା, ଏଷ୍ଟୋନିଆ, ତାଜିକିସ୍ତାନ ଏବଂ ଆଫ୍ରିକାର ପାଭିଲିୟନ ସ୍ଥାନ ପାଇଛି ।

କୃତ୍ରିମ ବୁଦ୍ଧିମତା ରୂପାନ୍ତରରେ ଭାରତ ବିଶ୍ୱର ପ୍ରମୁଖ ଦେଶମାନଙ୍କ ମଧ୍ୟରେ ସ୍ଥାନିତ ହୋଇଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ।

ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଶ୍ରୀ ମୋଦୀ କହିଛନ୍ତି, 'ସର୍ବଜନ ହିତାୟ, ସର୍ବଜନ ସୁଖାୟ' ଦୃଷ୍ଟିକୋଣ ଆଧାରରେ ଏହି ସମ୍ମିଳନୀ ଆୟୋଜିତ ହେଉଛି। ସ୍ୱାସ୍ଥ୍ୟ, ଶିକ୍ଷା, କୃଷି, ପ୍ରଶାସନ ଏବଂ ଉଦ୍ୟୋଗ ଭଳି ଅନେକ କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତା ଆଧାରିତ ପରିବର୍ତ୍ତନ ହେଉଛି। ଏ.ଆଇ.ର ଦାୟିତ୍ୱପୂର୍ଣ୍ଣ ଉପଯୋଗ, ନବସୃଜନ ଏବଂ ସହଭାଗିତାକୁ ଏହି ସମ୍ମିଳନୀ ଏକ ବିଶ୍ୱସ୍ତରୀୟ ମଞ୍ଚ ପ୍ରଦାନ କରିବ ବୋଲି ପ୍ରଧାନମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି। ଭାରତ କୃତ୍ରିମ ବୁଦ୍ଧିମତା କ୍ଷେତ୍ରରେ ଉଲ୍ଲେଖନୀୟ ଅଗ୍ରଗତି କରିଛି। ଡିଜିଟାଲ ସାର୍ବଜନୀନ ଭିତ୍ତିଭୂମି, ଦୃଢ଼ ଷ୍ଟାର୍ଟଅପ୍ ଇକୋସିଷ୍ଟମ୍ ଏବଂ ଅତ୍ୟାଧୁନିକ ଗବେଷଣା ଦ୍ୱାରା ଏହା ତ୍ୱରାନ୍ୱିତ ହୋଇଥିବା ସେ କହିଛନ୍ତି।  ଏହି ଶିଖର ସମ୍ମିଳନୀର ନିର୍ଯାସ ଭବିଷ୍ୟତକୁ ଅଧିକ ଆଧୁନିକ, ନବସୃଜନଚାଳିତ ଏବଂ ସୁଯୋଗରେ ପରିପୂର୍ଣ୍ଣ କରିବ ବୋଲି ଶ୍ରୀ ମୋଦୀ କହିଛନ୍ତି।

କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଆଜି ନୂଆଦିଲ୍ଲୀରେ ଭାରତ କୃତ୍ରିମ ବୁଦ୍ଧିମତ୍ତା ପ୍ରଭାବ ସମ୍ମିଳନୀ-୨୦୨୬ ଅବସରରେ "ସାର୍ବଜନୀନ ସ୍ୱାସ୍ଥ୍ୟ ପ୍ରଭାବପାଇଁ ଏ.ଆଇ. ସ୍କେଲିଂ : ସରକାରୀ-ଘରୋଇ ସହଭାଗିତା" ବିଷୟବସ୍ତୁ ଉପରେ ଏକ ଉଚ୍ଚସ୍ତରୀୟ ଆଲୋଚନାଚକ୍ରର ଆୟୋଜନ କରିଥିଲା ।

କାର୍ଯ୍ୟକ୍ରମରେ ଭାଗନେଇ ୟୁନିସେଫ୍ ପ୍ରତିନିଧି ସିଫିଆ ମୌକ୍ କୈଫ୍ରି' ଶିଶୁମାନଙ୍କପାଇଁ ଏକ ସୁରକ୍ଷିତ ଓ ଅନ୍ତର୍ଭୁକ୍ତିପୂର୍ଣ୍ଣ କୃତ୍ରିମ ବୁଦ୍ଧିମତ୍ତା ବିକଶିତ କରିବାପାଇଁ ଆହ୍ୱାନ ଦେଇଛନ୍ତି ।

## ବୈଷ୍ଣବ - ଏ.ଆଇ. ଇମ୍ପ୍ୟାକ୍ଟ ସମ୍ମିଟ୍

କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ଭାରତର ଦ୍ରୁତଗତିରେ ସମ୍ପ୍ରସାରିତ ରଚନାତ୍ମକ ଅର୍ଥନୀତି ଦେଶର ଦୃଢ଼ ଡିଜିଟାଲ୍ ଭିତ୍ତିଭୂମି ଏବଂ ଦକ୍ଷ ଜନସଂଖ୍ୟାଦ୍ୱାରା ପରିଚାଳିତ ହେଉଛି । ନୂଆଦିଲ୍ଲୀରେ କୃତ୍ରିମ ବୁଦ୍ଧିମତ୍ତା ପ୍ରଭାବ ସମ୍ମିଳନୀ-୨୦୨୬ର ସରକାରୀ ଉପଗ୍ରହ କାର୍ଯ୍ୟକ୍ରମ ଅଧିବେଶନର ଏକ ଆଲୋଚନାରେ ମନ୍ତ୍ରୀ ବିଭିନ୍ନ କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତ୍ତା-ଏ.ଆଇ.ର ରୂପାନ୍ତରଣକାରୀ ପ୍ରଭାବ ଉପରେ ଆଲୋକପାତ କରିଥିଲେ । ଶ୍ରୀ ବୈଷ୍ଣବ କହିଥିଲେ, ଭାରତର ରଚନାତ୍ମକ ଅର୍ଥନୀତି ଦ୍ରୁତଗତିରେ ବୃଦ୍ଧି ପାଉଛି ଏବଂ ନୂତନ ପ୍ରଯୁକ୍ତିବିଦ୍ୟା ଓ କାର୍ଯ୍ୟ କରିବାର ନୂତନ ପଦ୍ଧତି ସହିତ ଖାପଖୁଆଇ ଚାଲିଛି । ସେ କହିଛନ୍ତି, ଦେଶର ୯୦ ପ୍ରତିଶତ 5Gଦ୍ୱାରା ଆଦୃତ, ଯାହା ନାଗରିକମାନଙ୍କୁ ଡିଜିଟାଲ୍ ଭାବେ ସ୍ୱଦେଶୀ କରିଛି । ସେ ଆହୁରି କହିଛନ୍ତି, ସରକାର ପୁନଃ ଦକ୍ଷତା, ଉନ୍ନତ ଦକ୍ଷତା ଏବଂ ଉଦୀୟମାନ ପ୍ରଯୁକ୍ତିବିଦ୍ୟା ପାଇଁ କର୍ମଶକ୍ତି ପ୍ରସ୍ତୁତ କରିବା କ୍ଷେତ୍ରରେ ଏକ ନୂତନ ପ୍ରତିଭାଧାରୀମାନଙ୍କୁ ବିକଶିତ କରିବା ଉପରେ ଗୁରୁତ୍ୱ ଦେଉଛନ୍ତି ।

***Voice (Baishnav)*** **:……**

କୃତ୍ରିମ ବୁଦ୍ଧିମତ୍ତାର ବ୍ୟାପକ ପ୍ରଭାବ ଉପରେ ଗୁରୁତ୍ୱାରୋପ କରି ଶ୍ରୀ ବୈଷ୍ଣବ କହିଛନ୍ତି, କୃଷି, ପାଣିପାଗ ପୂର୍ବାନୁମାନ, ଜଳବାୟୁ ପରିବର୍ତ୍ତନର ମୁକାବିଲା, ନୂତନ ସାମଗ୍ରୀ ଆବିଷ୍କାର ଏବଂ ଉତ୍ପାଦକତା ଭଳି କ୍ଷେତ୍ରରେ

ଏ.ଆଇ. ଅନେକ ସୁଯୋଗ ପ୍ରଦାନ କରୁଛି । ପ୍ରଯୁକ୍ତିବିଦ୍ୟା ମଧ୍ୟ ସମ୍ଭାବ୍ୟ ବିପଦ ବହନ କରେ ବୋଲି କହିବା ସହ ଶ୍ରୀ ବୈଷ୍ଣବ ଏ.ଆଇ.ର ସକାରାତ୍ମକ ଏବଂ ନକାରାତ୍ମକ ଉଭୟ ପ୍ରଭାବ ସମ୍ପର୍କରେ ସତର୍କ କରାଇ ଦେଇଥିଲେ । ସରକାର କ୍ଷତିକୁ ନିୟନ୍ତ୍ରଣ କରି ଏ.ଆଇ.ର ଲାଭକୁ ସର୍ବାଧିକ କରିବାକୁ ଲକ୍ଷ୍ୟ ରଖିଛନ୍ତି । ଭାରତ ଏ.ଆଇ. ପ୍ରଭାବ ସମ୍ମିଳନୀର ଲକ୍ଷ୍ୟ' ମାନବ ସମାଜ ଉପରେ ଏ.ଆଇ.ର ପ୍ରକୃତ ପ୍ରଭାବକୁ ବୁଝିବା । ଏହି କାର୍ଯ୍ୟକ୍ରମ ସମୟରେ ଆଲୋଚନା ଅର୍ଥପୂର୍ଣ୍ଣ ଫଳାଫଳ ଆଣିବ ବୋଲି ଶ୍ରୀ ବୈଷ୍ଣବ ଆଶା ପ୍ରକାଶ କରିଛନ୍ତି । ଶିଖର ସମ୍ମିଳନୀ ମାଧ୍ୟମରେ ଭାରତ ଏକ ସନ୍ତୁଳିତ ଏବଂ ଦାୟିତ୍ୱପୂର୍ଣ୍ଣ ଏ.ଆଇ. ଭବିଷ୍ୟତ ଗଠନରେ ଅଗ୍ରଣୀ ଭୂମିକା ଗ୍ରହଣ କରିବାକୁ ଚାହୁଁଛି ବୋଲି ମନ୍ତ୍ରୀ କହିଛନ୍ତି ।

## ଏ.ଆଇ. ଗେମିଂ

ଭାରତ କୃତ୍ରିମ ବୁଦ୍ଧିମତ୍ତା ପ୍ରଭାବ ସମ୍ମିଳନୀ-୨୦୨୬ ଦେଶର ଦ୍ରୁତ ଅଭିବୃଦ୍ଧିଶୀଳ ଏ.ଆଇ. ଏବଂ ଗେମିଂ ଇକୋସିଷ୍ଟମ୍‌କୁ ଗୁରୁତ୍ୱ ପ୍ରଦାନ କରୁଛି, ଯେଉଁଥିରେ ୫ଟି ଅଭିନବ ଷ୍ଟାର୍ଟଅପ୍ ରହିଛି । ଗେମିଂ ଏବଂ ଇଣ୍ଟରଆକ୍ଟିଭ୍ ପ୍ରଯୁକ୍ତିବିଦ୍ୟା ବିଭାଗ ଅଧୀନରେ ଗେମିଂ ଷ୍ଟାର୍ଟଅପ୍ ଏ.ଆଇ.ଚାଳିତ ପ୍ଲାଟ୍‌ଫର୍ମ ଏବଂ ଉତ୍ପାଦଗୁଡ଼ିକୁ ପ୍ରଦର୍ଶନ କରିବ । ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟ

ସୂଚନା ଦେଇ କହିଛି, ଏହି ଗେମିଂ ଷ୍ଟାର୍ଟଅପ୍‌ଗୁଡ଼ିକ ଏ.ଆଇ.ଚାଳିତ ଗେମିଂରେ ନିବେଶଧାରା ଏବଂ ସୁଯୋଗ ଉପରେ ବିଚାରବିମର୍ଶପାଇଁ ବିଶ୍ୱ ନିବେଶକ ଏବଂ ଉଦ୍ୟୋଗୀମାନଙ୍କୁ ଏକତ୍ର କରିବ ।

## ପ୍ରେଜ୍ - ଓଲ୍ ଚିକି

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି ସାନ୍ତାଳୀ ଭାଷାର ଅଲ୍ ଚିକି ଲିପିକୁ ସଂରକ୍ଷଣ ଏବଂ ପ୍ରୋତ୍ସାହିତ କରିବାପାଇଁ ପ୍ରୟାସ କରାଯିବା ଉଚିତ । ନୂଆଦିଲ୍ଲୀରେ ଅଲ୍ ଚିକି ଲିପିର ଶତବାର୍ଷିକୀ ସମାରୋହରେ ଉଦ୍‌ବୋଧନ ଦେଇ ରାଷ୍ଟ୍ରପତି କହିଛନ୍ତି, ଅଲ୍ ଚିକି ସାନ୍ତାଳୀ ସମ୍ପ୍ରଦାୟର ଏକ ଶକ୍ତିଶାଳୀ ପରିଚୟ । ଏହା ସାନ୍ତାଳୀ ସମ୍ପ୍ରଦାୟ ମଧ୍ୟରେ ଏକତା ପ୍ରତିଷ୍ଠା କରିବା ଏକ ମାଧ୍ୟମ ଭାବେ କାର୍ଯ୍ୟ କରେ । କେନ୍ଦ୍ର ସରକାରଙ୍କ ଅଲ୍ ଚିକି ଲିପିରେ କେନ୍ଦ୍ରୀୟ ଲୋକସେବା ଆୟୋଗ - ୟୁ.ପି.ଏସ୍.ସି. ପରୀକ୍ଷା କରିବା ନିଷ୍ପତ୍ତିକୁ ରାଷ୍ଟ୍ରପତି ପ୍ରଶଂସା କରିଛନ୍ତି ।

# ଶାହା - ମନ୍ଥନ ମିଟିଂ

ସମବାୟ ମନ୍ତ୍ରୀ ଅମିତ୍ ଶାହା ଆସନ୍ତାକାଲି ଗାନ୍ଧିନଗରରେ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ସମବାୟ ମନ୍ତ୍ରୀମାନଙ୍କର ଏକ ଉଚ୍ଚସ୍ତରୀୟ ମନ୍ଥନ ବୈଠକରେ ଅଧ୍ୟକ୍ଷତା କରିବେ । ସମବାୟ ମନ୍ତ୍ରଣାଳୟ କହିଛି, ଏହି ମଞ୍ଚ ମନ୍ତ୍ରଣାଳୟର ବିଭିନ୍ନ ପଦକ୍ଷେପଗୁଡ଼ିକର ବ୍ୟାପକ ସମୀକ୍ଷା, ପ୍ରଗତି ମୂଲ୍ୟାଙ୍କନ, ରାଜ୍ୟଗୁଡ଼ିକରୁ ସର୍ବୋତ୍ତମ ଅଭ୍ୟାସ ଏବଂ ଅଭିଜ୍ଞତାର ଆଦାନ ପ୍ରଦାନ ସହିତ ଭବିଷ୍ୟତପାଇଁ ଏକ ସମନ୍ୱିତ ରୂପରେଖ ପ୍ରସ୍ତୁତ କରିବ । ଆଲୋଚନାରେ ଗ୍ରାମୀଣ ଅର୍ଥନୀତିକୁ ନୂତନ ଗତି ପ୍ରଦାନ କରିବା ଉଦ୍ଦେଶ୍ୟରେ ୨ ଲକ୍ଷ ନୂତନ ବହୁମୁଖୀ ପ୍ରାଥମିକ କୃଷିଋଣ ସମାଜ, ଦୁଗ୍ଧ ଓ ମତ୍ସ୍ୟଚାଷୀ ସମବାୟ ପ୍ରତିଷ୍ଠା ହେବ । ବୈଠକରେ ରପ୍ତାନୀ, ଜୈବିକ କୃଷି ଏବଂ ଗୁଣାତ୍ମକ ବିହନ ଯୋଗାଣ କ୍ଷେତ୍ରରେ ସମବାୟକୁ ସୁଦୃଢ଼ କରିବାପାଇଁ ନବଗଠିତ ଜାତୀୟସ୍ତରୀୟ ସମବାୟ ପ୍ରତିଷ୍ଠାନରେ ରାଜ୍ୟଗୁଡ଼ିକର ଭୂମିକା, ଅଂଶଗ୍ରହଣ ଏବଂ ଆଶା ଉପରେ ମଧ୍ୟ ଗୁରୁତ୍ୱାରୋପ କରାଯିବ । ଏହି ବୈଠକ ସମବାୟ ସଙ୍ଘୀୟତାର ଭାବନାକୁ ସୁଦୃଢ଼ କରିବା ସହିତ କେନ୍ଦ୍ର ଏବଂ ରାଜ୍ୟ ମଧ୍ୟରେ ସଠିକ୍ ସମନ୍ୱୟ ରକ୍ଷା କରିପାରିବ । ଏହା ତୃଣମୂଳ ସ୍ତରରେ ସମୃଦ୍ଧି, ନିଯୁକ୍ତି ସୃଷ୍ଟି ଏବଂ ଆତ୍ମନିର୍ଭରଶୀଳତାର ଏକ ଶକ୍ତିଶାଳୀ ଉପକରଣ ଭାବେ ସମବାୟକୁ ଗଢ଼ିତୋଳିବାପାଇଁ ଲକ୍ଷ୍ୟ ରଖାଯାଇଛି ।

## ଇଣ୍ଡିଆ-ୟୁ.ଏସ୍. ଡିଲ୍ ଭିଜିଟ୍

ଏକ ମଧ୍ୟବର୍ତ୍ତୀକାଳୀନ ବାଣିଜ୍ୟ ଚୁକ୍ତିନାମା ପାଇଁ ଭାରତୀୟ ଅଧିକାରୀଙ୍କ ଏକ ଦଳ ଆସନ୍ତା ସପ୍ତାହରେ ଆମେରିକା ଗସ୍ତ କରିବେ । ସମସ୍ତ ଆଇନଗତ ଦିଗକୁ ଲକ୍ଷ୍ୟ ରଖି ଚୁକ୍ତିନାମାପାଇଁ ଦସ୍ତାବିଜ୍ ଚୂଡ଼ାନ୍ତ କରାଯିବ, ଯାହା ଆସନ୍ତା ମାସରେ ସ୍ୱାକ୍ଷରିତ ହେବାର ଆଶା କରାଯାଉଛି । ବାଣିଜ୍ୟ ସଚିବ ରାଜେଶ୍ ଅଗ୍ରୱାଲ୍ କହିଛନ୍ତି, ଏହି ଗସ୍ତ ଆସନ୍ତା ଫେବୃୟାରୀ ୨୩ ତାରିଖରୁ ଆରମ୍ଭ ହେବାର ସମ୍ଭାବନା ରହିଛି । ଚୁକ୍ତିନାମାରେ ମଧ୍ୟସ୍ଥତା କରୁଥିବା ଦର୍ପଣ ଜୈନଙ୍କ ନେତୃତ୍ୱରେ ଏହି ପ୍ରତିନିଧି ଦଳ ଆମେରିକା ଗସ୍ତ କରିବ । ପୂର୍ବରୁ ଚଳିତ ମାସ ପ୍ରାରମ୍ଭରେ ଉଭୟ ଦେଶ ପକ୍ଷରୁ ଏକ ମିଳିତ ବିବୃତ୍ତିନାମାରେ ମଧ୍ୟବର୍ତ୍ତୀକାଳୀନ ବାଣିଜ ଚୁକ୍ତିନାମାପାଇଁ ଏକ ଢାଞ୍ଚା ଚୂଡ଼ାନ୍ତ ହୋଇଛି ବୋଲି ଘୋଷଣା କରାଯାଇଥିଲା ।

## ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ଦ୍ୱିଭାଷିକ ଫୋନ୍ ଇନ୍ କାର୍ଯ୍ୟକ୍ରମ **ପବ୍ଲିକ୍ ସ୍ପିକ୍**ରେ ଆଜି ରାତି ସାଢ଼େ ୯ଟାରେ **ପରୀକ୍ଷା ସମ୍ବନ୍ଧୀୟ ଚାପ ଏବଂ ଏହାକୁ ନିୟନ୍ତ୍ରଣ କରିବାର ଉପାୟ** ଶୀର୍ଷକ ଆଲୋଚନାର ପ୍ରସାର କରାଯିବ । ନୂଆଦିଲ୍ଲୀ

ଶଫ୍‌ଦରଜଙ୍ଗ ହସ୍ପିଟାଲ୍‌ର ମନସ୍ତତ୍ତ୍ୱ ବିଭାଗ ଡାକ୍ତର ମଞ୍ଜୁଶ୍ରୀ ଗୁପ୍ତା ଏବଂ ସି.ବି.ଏସ୍.ଇ.ର ଯୁଗ୍ମସଚିବ ଶ୍ୱେତା ଆରୋରା ଆଲୋଚନାରେ ଅଂଶ ଗ୍ରହଣ କରିବେ । କାର୍ଯ୍ୟକ୍ରମ ସମୟରେ ଶ୍ରୋତାମାନେ ସେମାନଙ୍କର ପ୍ରଶ୍ନ ପଚାରି ପାରିବେ । ଏଥିପାଇଁ ସେମାନଙ୍କୁ 011-23717117, 23314444, 23310481 ଏବଂ 23717106 ନମ୍ବରକୁ ଡାଏଲ୍ କରିବାକୁ ହେବ । ଏହା ବ୍ୟତୀତ ଶ୍ରୋତାମାନେ 9289094044 ନମ୍ବରକୁ ହ୍ୱାଟ୍‌ସଆପ୍ ଏବଂ ସାମାଜିକ ଗଣମାଧ୍ୟମ X ରେ ହାସ୍‌ଟ୍ୟାଗ୍ ask air ମାଧ୍ୟମରେ ପ୍ରଶ୍ନ ପଚାରି ପାରିବେ । ଏହା ଆକାଶବାଣୀ ଗୋଲ୍‌ଡ ଚ୍ୟାନେଲ୍ ଓ ଅତିରିକ୍ତ ଫ୍ରିକୁଏନ୍‌ସିରୁ ମଧ୍ୟ ଶୁଣାଯାଇ ପାରିବ । ଏହା ବ୍ୟତୀତ ଆମର ୱେବ୍‌ସାଇଟ୍ news on air.gov.in ଏବଂ ୟୁଟ୍ୟୁବ୍ ଚ୍ୟାନେଲ୍ news on air official ରେ ଏହା ଉପଲବ୍ଧ ହେବ ।

## ଫାର୍ମା - ଇଣ୍ଡିଆ ୟୁ.ଏସ୍. ଡେ

ଭାରତ ଓ ଯୁକ୍ତରାଷ୍ଟ୍ର ଆମେରିକା ମଧ୍ୟରେ ହୋଇଥିବା ମଧ୍ୟବର୍ତ୍ତୀକାଳୀନ ବାଣିଜ୍ୟ ଚୁକ୍ତିନାମାକୁ ଫାର୍ମା କ୍ଷେତ୍ର ପ୍ରଶଂସା କରିଛି । ଆକାଶବାଣୀ ସମ୍ବାଦ ବିଭାଗ ସହ କଥାବାର୍ତ୍ତା କରି ଡାକ୍ତରୀ ଯନ୍ତ୍ରାଂଶପାଇଁ ରପ୍ତାନୀ ପ୍ରୋତ୍ସାହନ ପରିଷଦ ଅଧ୍ୟକ୍ଷ ଆର୍.ଏସ୍. ତନୱାର କହିଛନ୍ତି, ଏହି ଚୁକ୍ତି ସମ୍ପ୍ରସାରିତ ବଜାର

ପ୍ରବେଶ ଏବଂ ବର୍ଦ୍ଧିତ ରପ୍ତାନୀ ସୁଯୋଗ ସହିତ ଏକ ବୈଶ୍ୱିକ ଉତ୍ପାଦନ କେନ୍ଦ୍ର ଭାବେ ପ୍ରତିଷ୍ଠା ଲାଭ କରିବାରେ ସାହାଯ୍ୟ କରିବ । ସେ କହିଛନ୍ତି, ଏହି ଚୁକ୍ତି ସହ ଦେଶର ଡାକ୍ତରୀ ଯନ୍ତ୍ରାଂଶ କ୍ଷେତ୍ର ଏକ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟରେ ପ୍ରବେଶ କରିଛି ।  ଏଗୁଡ଼ିକ ଉପରେ ହ୍ରାସ କରାଯାଇଥିବା ଶୁଳ୍କ ଆମେରିକା ବଜାରରେ ମୂଲ୍ୟ ପ୍ରତିଯୋଗିତା କ୍ଷେତ୍ରକୁ ଉନ୍ନତ କରିବ ବୋଲି ଶ୍ରୀ ତନ୍ୱାର କହିଛନ୍ତି ।

## କ୍ରିକେଟ୍

ଆଇ.ସି.ସି. ପୁରୁଷ ଟି-ଟ୍ୱେଣ୍ଟି ବିଶ୍ୱକପ୍ କ୍ରିକେଟ୍ ପ୍ରତିଯୋଗିତାରେ ଅଷ୍ଟ୍ରେଲିଆ ଓ ଶ୍ରୀଲଙ୍କା ମଧ୍ୟରେ ଖେଳ ଜାରି ରହିଛି । ଶ୍ରୀଲଙ୍କାର ପାଲିକେଲେ ଅନ୍ତର୍ଜାତୀୟ ଷ୍ଟାଡିୟମ୍‌ରେ ଖେଳାଯାଉଥିବା ଏହି ମ୍ୟାଚ୍‌ରେ ଶ୍ରୀଲଙ୍କା ଦଳ ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଛି ।

କୋଲ୍‌କାତାର ଇଡେନ୍ ଗାର୍ଡେ଼ନ୍‌ରେ ଖେଳାଯାଇଥିବା ଆଜିର ଦ୍ୱିତୀୟ ମ୍ୟାଚ୍‌ରେ ଇଂଲଣ୍ଡ’ ଇଟାଲୀକୁ ୨୪ ରନ୍‌ରେ ପରାସ୍ତ କରିଛି । ଇଂଲଣ୍ଡଦ୍ୱାରା ଧାର୍ଯ୍ୟ ୨୦୩ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ଇଟାଲୀ ନିର୍ଦ୍ଧାରିତ ୨୦ ଓଭର୍‌ରେ ସମସ୍ତ ୱିକେଟ୍ ହରାଇ ୧୭୮ ରନ୍ କରିବାକୁ ସମର୍ଥ ହୋଇଥିଲା ।

ଅନ୍ୟପକ୍ଷରେ ନୂଆଦିଲ୍ଲୀର ଅରୁଣ ଜେଟ୍‌ଲୀ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଆଜିର ପ୍ରଥମ ମ୍ୟାଚ୍‌ରେ ସଂଯୁକ୍ତ ଆରବ ଏମିରେଟ୍‌ସ୍ - ୟୁ.ଏ.ଇ. ବିପକ୍ଷରେ ଆଫଗାନିସ୍ତାନ ୫ ଓ୍ୱିକେଟ୍‌ରେ ବିଜୟୀ ହୋଇଛି । ୧୬୧ ରନ୍‌ର ବିଜୟ ଲକ୍ଷ୍ୟକୁ ଆଫଗାନିସ୍ତାନ ୧୯ ଓଭର ୨ଟି ବଲ୍‌ରେ ୫ ଓ୍ୱିକେଟ୍ ହରାଇ ହାସଲ କରିଥିଲା ।

*****